# Akashvani, Sambalpur

## SAMBALPURI NEWS EVENING BULLETIN

**18 May 2024- 7.02 pm- 7.12 pm.**

*********************************************

୧- ରାଏଜେ ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ଆଏଜ୍ ସର୍‌ଲା ପ୍ରଚାର୍ ।

- ଇ ଖେପେ ୫ ଟା ଲୋକ୍‌ସଭା ଆଉ ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ହେବା ଭୋଟ୍ ।

୨- ଦଲୀୟ ପ୍ରାର୍ଥୀଙ୍କର୍ ସପକ୍ଷ ନ ପ୍ରଚାର୍ ଲାଗି ଆଏବା କାଏଲ୍ ଓଡ଼ିଶା ଗସ୍ତଥି ଆସୁଛନ୍ ବରିଷ୍ଠ ବିଜେପି ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୩- ଆଏବା ୨୦୨୬-୨୭ ଆର୍ଥିକ୍ ବଛର୍‌ତକ୍ ଭାରତ୍ ପୁର୍‌ଥିର୍ ୩ ନମ୍ବର୍ ଅର୍ଥନୀତି ହେବା- କହେଲେ ଷୋଡ଼ଶ ଅର୍ଥ କମିଶନ୍ ଅଧ୍ୟକ୍ଷ ଅରବିନ୍ଦ ପାନ୍‌ଗାରିୟା ।

ଆଉର୍

୪- ଆଏଜ୍ ରାଏଜେ ପାଲିତ୍ ହେଇଛେ ଆନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ ।

# ୨ ନମ୍ବର୍ ଖେପ୍ ନିର୍ବାଚନ୍ - ପ୍ରଚାର୍ ଶେଷ୍

ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏଜ୍ ପ୍ରଚାର୍ କାମ୍ ଶେଷ୍ ହେଇଛେ । ଆଏବା ସୋମ୍‌ବାର୍ ଦିନ ଇ ଖେପ୍‌ଥି ରାଜ୍ୟର୍ ୫ ଟା ସଂସଦୀୟ କ୍ଷେତ୍ର ଆଉ ଇତାର୍ ଅଧୀନଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ସେଦିନ ସଖାଲର୍ ୭ ବଜେନୁ ଉପର୍‌ବେଲା ୪ ବଜେତକ୍ ଭୋଟ୍ ହେବା । ହେଲେ କେତେଟା ମତଦାନ୍ କେନ୍ଦ୍ର ନ ସନ୍ଧ୍ୟା ୫ ବଜେ ଆଉ ଅଲ୍‌ଗା କେତେଟା କେନ୍ଦ୍ର ନ ସଞ୍ଝର୍ ୬ ବଜେତକ୍ ଭୋଟ୍ ହେବା । ଭୋଟ୍ ହେବାର୍‌କେ ଥିବା ୫ ଟା ସଂସଦୀୟ କ୍ଷେତ୍ର ହେଉଛେ ସୁନ୍ଦର୍‌ଗଡ୍, ବର୍‌ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା । ଇ ଖେପ୍ ନିର୍ବାଚନ୍‌ଥି ୭୯ ଲାଖ୍ ୬୯ ହଜାର୍ ୮ ଶହ ୮୭ ଝନ୍ ଭୋଟର୍ ଭୋଟ୍ ଦେବେ । ସେମାନ୍‌କର୍ ଭିତ୍‌ରୁ ୪୦ ଲାଖ୍ ୩୩ ହଜାର୍ ୯ ଶହ ୯୨ ପୁରୁଷ ଭୋଟର୍ ୩୯ ଲାଖ୍ ୩୫ ହଜାର୍ ୪୪ ଝନ୍ ମହିଳା ଭୋଟର୍ ଆର୍ ୮ ଶହ ୫୧ ଝନ୍ ଅଲ୍‌ଗା ଭୋଟର୍ ଅଛନ୍ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ଇ ଖେପେ ୧୮ ନୁ ୧୯ ବଛର୍ ବୟସର୍ ନୂଆଁ ଭୋଟର୍‌ଙ୍କର୍ ସଂଖ୍ୟା ୨ ଲାଖ୍ ୧୩ ହଜାର୍ ଶହେ ୨୯ ଥିବାର୍

ବେଲେ ୨୦ ନୁ ୨୯ ବଛର୍ ବୟସର୍ ଭୋଟର୍ଙ୍କର୍ ସଂଖ୍ୟା ୧୬ ଲାଖ୍ ୯୮ ହଜାର୍ ୫ ଶହ ୧୬ ରହିଛେ ।

ସେନ୍ତା ୮୫ ବଛରନୁ ଅଏତ୍କା ବୟସର୍ ୫୫ ହଜାର୍ ୮ ଶହ ୨୨ ଝନ୍ ଭୋଟର୍ ଥିବାର୍ ବେଲେ ଶହେ ବଛର୍ନୁ ଅଏତ୍କା ବୟସର୍ ୧ ହଜାର୍ ୮ ଶହ ୧୨ ଝନ୍, ଦିବ୍ୟାଙ୍ଗ ଭୋଟର୍ଙ୍କର୍ ସଂଖ୍ୟା ୧ ଲାଖ୍ ୭ ହଜାର୍ ୮ ଶହ ୨୩ ଆଉ ୪୬ ଝନ୍ ପ୍ରବାସୀ ଭୋଟର୍ ଆର୍ ୧୦ ହଜାର୍ ୬ ଶହ ୩୦ ଝନ୍ ସର୍ଭିସ୍ ଭୋଟର୍ ଅଛନ୍ ।

ଇ ଖେପେ ମୋଟ୍ ୯ ହଜାର୍ ଶହେ ୪୮ ଟା ମତଦାନ୍ କେନ୍ଦ୍ର ଆଉ ୧୪ ଟା ଅତିରିକ୍ତ ମତଦାନ୍ କେନ୍ଦ୍ର ନ ଭୋଟର୍ମାନେ ଭୋଟ୍ ଦେବେ । ସେଭିତ୍ରୁ ୮ ହଜାର୍ ୫୮ ଟା ମତଦାନ୍ କେନ୍ଦ୍ର ଗ୍ରାମାଂଚଲ୍ ନ ରହିଥିବାର୍ ବେଲେ ୧ ହଜାର୍ ୯୦ ଟା କେନ୍ଦ୍ର ସହରାଂଚଲ୍ ନ ରହିଛେ । ହଜାରେ ୪୧ ଟା ମତଦାନ୍ କେନ୍ଦ୍ରକେ ପୁରାପୁରି ମହିଲା କର୍ମଚାରୀମାନେ ପରିଚାଲନା କରୁଥିବାର୍ ବେଲେ ୨୫ ଟା ମତଦାନ୍ କେନ୍ଦ୍ରକେ ଦିବ୍ୟାଙ୍ଗ କର୍ମଚାରୀମାନେ ପରିଚାଲନା କର୍ବେ । ଇ ଖେପେ ୧ ହଜାର୍ ୫ ଶହ ୪୧ ଟା ଆଦର୍ଶ ମତଦାନ୍ କେନ୍ଦ୍ର ଥାପ୍ନା କରାଯାଇଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ସୂଚ୍ନା ଅନ୍ସାରେ ଫି ମତଦାନ୍ କେନ୍ଦ୍ର ନ ପାଖାପାଖି ୮ ଶହ ୭୦ ଝନ୍ ଲେଖା ଭୋଟର୍ ଭୋଟ୍ ଦେବେ । ଇ ଖେପେ ନିର୍ବାଚନ୍ଥି ୬୦ ହଜାର୍ ନୁ ଅଏତ୍କା କର୍ମଚାରୀଙ୍କୁ

ନିୟୋଜିତ କରାଯାଇଛେ । ଆଏଜ୍ ୧୭ ଟା ବିଧାନ୍‌ସଭା କ୍ଷେତ୍ର ଲାଗି ନିୟୋଜିତ ହେଇଥିବା କର୍ମଚାରୀମାନ୍‌କୁ ଗନ୍ତବ୍ୟ ଜାଗାକେ ପଠାଯାଇଥିବାର୍ ବେଲେ ୧୮ ଟା ବିଧାନ୍‌ସଭା କ୍ଷେତ୍ରର୍ କର୍ମଚାରୀମାନ୍‌କୁ ଆଏବାକାଏଲ୍ ଭୋଟ୍ କେନ୍ଦ୍ରମାନ୍‌କେ ପଠାଯିବା । ଇ ଖେପେ ୫ ଟା ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀ ଲାଗି ମୋଟ୍ ୪୦ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାର୍ ବେଲେ ୩୫ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀ ଲାଗି ୨ ଶହ ୬୫ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ ।

ନିର୍ବାଚନ୍ ସମିଆଥି ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ଆର୍ ବୟସ୍କ ଆଉ ଦିବ୍ୟାଙ୍ଗ ଭୋଟର୍‌ମାନ୍‌କୁ ସାହାଜ୍ କର୍‌ବାର୍ ଲାଗି ଫି’ ମତଦାନ୍ କେନ୍ଦ୍ର ନ ଆଶାକର୍ମୀମାନ୍‌କର୍ ସହେତେ ଜରୁରୀ ଉଷୋ ଆଉ ସ୍ୱେଚ୍ଛାସେବୀମାନ୍‌କୁ ନିୟୋଜିତ୍ କରାଯାଇଛେ । ଇ ବାବ୍‌ଦେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ ଯେ,

(ଭଏସ୍ ଓଭର୍)

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ବିଜେପିର ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବାର୍‌କେ ଆଏବା

କାଏଲ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବେ । ଆଏବା ସୋମ୍‌ବାର୍ ଦିନ ଶ୍ରୀ ମୋଦୀ ପୁରୀ ଯାଇକରି ଶ୍ରୀଜୀଉଙ୍କର୍ ଦର୍ଶନ୍ କର୍‌ବାର୍ ଉତାରୁ ବଡ଼ଦାଣ୍ଡ ନ ନିର୍ବାଚନୀ ରୋଡ୍ ସୋଥି ଯୋଗ୍ ଦେବେ । ସେଦିନ ପ୍ରଧାନ୍‌ମନ୍ତ୍ରୀ ଅନୁଗୁଲ୍ ଯାଇକରି ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବେ । ଇତାର୍ ଉତ୍‌ରୁ ସେ ଉପର୍‌ବେଲା କଟକ୍‌ଠାନେ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନୀ ସଭାଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅମିତ୍ ଶାହା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିର୍ବାଚନ୍ ପ୍ରଚାର୍ ଲାଗି ଫେର୍‌ଘାଏ ଓଡ଼ିଶା ଆସ୍‌ବେ । ଶ୍ରୀ ଶାହା ୨୧ ତାରିଖ୍ ଦିନ ସଖାଲେ ସମ୍ବଲ୍‌ପୁର୍, କେନ୍ଦୁଝର୍, ପରଜଙ୍ଗ୍ ଆଉ ନୟାଗଡ୍ ଯାଇକରି ସାଧାରଣ ସଭାମାନ୍‌କେ ଉଦ୍‌ବୋଧନ୍ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀ ଶାହା ଗଲାକାଏଲ୍ ରାଉର୍‌କେଲା ଠାନେ ଗୁଟେ ସଭାଥି ଉଦ୍‌ବୋଧନ୍ ଦେଇଥିଲେ ।

ଭାରତ୍ ଅର୍ଥନୀତି ଆର୍‌ଏନ୍‌ୟୁ/ କଟକ୍

ଭାରତ୍ ୨୦୨୬-୨୭ ଆର୍ଥିକ୍ ବଛରତକ୍ ପୁରଥିର୍ ୩ ନମ୍ବର୍ ଅର୍ଥନୀତି ହେବା ବଲି ଷୋଡଶ ଅର୍ଥ କମିଶନ୍ ଅଧ୍ୟକ୍ଷ ଅରବିନ୍ଦ ପାନ୍‌ଗାରିଆ କହିଛନ୍ । ସେ କହିଛନ୍ ଯେ, ଏଛେନ୍ ଦେଶ୍ ଯେନ୍ ଅଭିବୃଦ୍ଧି ହାରଥି ଆଗ୍‌କେ ବଢୁଛେ ସେଟା ଆଏବା ଦିନେ ଜାରି ରହେଲେ ଭାରତ୍ ୩ ନମ୍ବର୍ ଅର୍ଥନୀତି ହେଇପାର୍‌ବା । ସେ କହିଛନ୍ ଯେ, ଗଲା ୨୦ ବଛ୍‌ରେ ଡଲାର୍ ହାରଥି ଅଭିବୃଦ୍ଧି ୮ ପ୍ରତିଶତ୍ ବଢ଼ିଛେ । ପୁର୍‌ଥି ନ ଦେଖାଦେଇଥିବା ମାନ୍ଦାବସ୍ଥା ଆଉ କୋଭିଡ୍ ପରିସ୍ଥିତିଥି ଭିଲ୍ ଭାରତ୍‌ର ଅଭିବୃଦ୍ଧି ସନ୍ତୋଷ୍‌ଜନକ୍ ରହିଛେ । ଭାରତୀୟ ଶିଳ୍ପ ମହାସଂଘର୍ ବାର୍ଷିକ ସମ୍ମିଲନୀଥି ଯୋଗ୍ ଦେଇକରି ଶ୍ରୀ ପାନ୍‌ଗାରିଆ କହିଛନ୍ ଯେ, ଭାରତ୍ ଏଛେନ୍ ଦାରିଦ୍ର୍ୟନୁ ବାହାର୍‌କେ ବାହାରିଛେ । ଆଏବା ଦିନେ ଦେଶର୍ ବୃହତ୍ ମାନବ ସମ୍ବଲକେ କୃଷି କ୍ଷେତ୍ର ନୁ ବାହାର୍‌କେ ଆନିକରି ଶିଳ୍ପ ଆଉ ସେବାଦିଗେ ନିୟୋଜିତ କର୍‌ବାର୍ ଦର୍‌କାର୍ ଉପ୍‌ରେ ସେ ଜୋର୍ ଦେଇଛନ୍ ।

ଆନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ଆନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ । ସଂଗ୍ରହାଲୟ ହେଉଛେ ସାଂସ୍କୃତିକ ବିନିମୟ, ସଂସ୍କୃତିର୍ ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ୍, ଲୁକଙ୍କର୍ ଭିତ୍‌ରେ ସହଯୋଗ୍ ଆଉ ଶାନ୍ତି ପ୍ରତିଷ୍ଠା ଲାଗି ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ୍ । ଇ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଳନ୍ କରାଯାଉଛେ । ଇଂଟରନେସ୍‌ନାଲ୍ କାଉନ୍‌ସିଲ୍ ଅଫ୍ ମ୍ୟୁଜିୟମ୍ ୧୯୭୭ ମସିହାନୁ ଫି ବଛର୍ ମେ ୧୮ ତାରିଖ୍ ଦିନ ଆନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲନ୍ କରୁଛେ । ଇ ବଛ୍‌ରର୍ ବାର୍ତା ହେଉଛେ 'ଶିକ୍ଷା ଆଉ ଅନୁସନ୍ଧାନ୍ ଲାଗି ସଂଗ୍ରହାଲୟ' । ଭୁବ୍‌ନେଶ୍ୱରର ରାଜ୍ୟ ଜନଜାତି ସଂଗ୍ରହାଲୟ ନ ଅନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ସମାରୋହଥି ଉତ୍କଳ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟ, ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍ କମିଶନର୍ ରୂପାରୋଶନ୍ ସାହୁ ପ୍ରମୁଖ ଇଥି ଯୋଗ୍ ଦେଇଥିଲେ । ଇତାର୍‌ସହେତେ ଗଲା ୪ ତାରିଖ୍ ଦିନୁ ଚାଲିଥିବା ୧୫ ଦିନିଆ ଗ୍ରୀଷ୍ମକାଲୀନ୍ ସୌରାଚିତ୍ରକଳା ଶିବିର ଭିଲ୍ ଉଦ୍‌ଯାପିତ୍ ହେଇଯାଇଛେ ।

ସୁବର୍ଣ୍ଣପୁର-ପ୍ରଚାର୍ ଶେଷ୍       ସୁବର୍ଣ୍ଣପୁର୍ ସମ୍ବାଦଦାତା

ଆଏବା ୨୦ ତାରିଖ୍ ଦିନ ହେବାର୍‌କେ ଥିବା ବଲାଙ୍ଗିର୍ ସଂସଦୀୟ କ୍ଷେତ୍ର ଆଉ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆର୍ ସୋନ୍‌ପୁର୍ ୨ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ଭୋଟ୍ ପ୍ରଚାର୍ ଆଏଜ୍ ଉପର୍‌ବେଲା ସରିଛେ । ନିର୍ବାଚନ୍ ମଇଦାନ୍‌ଥି ଥିବା ଦଲୀୟ, ସ୍ୱାଧୀନ୍ ବିଧାୟକ୍ ପ୍ରାର୍ଥୀମାନେ ଗାଁ ଗାଁକେ ଯାଇକରି ଭୋଟ୍ ଭିକ୍ଷା କରୁଛନ୍ । ସେଆଡ଼େ ଆଏବା କାଏଲ୍ ଜିଲ୍ଲାର୍ ସବୁ ବୁଥ୍‌କେ ନିର୍ବାଚନ୍ ପରିଚାଲନା ଲାଗି ନିଯୁକ୍ତ ହେଇଥିବା ଅଧିକାରୀ ଆଉ ଭୋଟ୍ ସାମାନ୍ ପଠାବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ ହେଇଛେ । ଆଏବାକାଏଲ୍ ସଖାଲୁ ଜିଲ୍ଲାର୍ ସବୁ ବୁଥ୍‌କେ ପୋଲିଂ ପାର୍ଟି ପଠାଯିବା ବଲି ଜିଲ୍ଲାପାଲ୍ ଅନ୍ୟା ଦାସ କହିଛନ୍ ।

ବର୍‌ଗଡ଼୍ - ମତଦାନ୍ କେନ୍ଦ୍ର          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଶହେ ୪୦ ଟା ମୋଡ଼େଲ୍ ମତଦାନ୍ କେନ୍ଦ୍ର ଖୁଲ୍‌ବାର୍ ବ୍ୟବସ୍ଥା କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଜିଲ୍ଲାର୍ ମୋଟ୍ ୧୩ ଶହ ୯୭ ଟା ବୁଥ୍ ଭିତ୍‌ରୁ ୮୨ ଟା

ସଖୀବୁଥ୍ ୫ ଟା ଦିବ୍ୟାଙ୍ଗ ପରିଚାଲିତ ବୁଥ୍, ୨୫ ଟା ୟୁବକ ପରିଚାଲିତ୍ ବୁଥ୍ ଆଉ ୧୪ ଟା ଲେଖା ଇକୋ ଫ୍ରେଣ୍ଡଲି ବୁଥ୍ ଆଉ ଇଥ୍‌ନିକ୍ ପୁଲିଂ ଷ୍ଟେସନ୍ ରହିଛେ । ଫି ବୁଥ୍ ନ ଭୋଟର୍ ସହାୟତା କେନ୍ଦ୍ର ଖୁଲ୍‌ବାର୍ ସହେତେ ପିଇବାର୍ ପାଏନ୍ ଆର୍ ଛାଏଁ ବ୍ୟବସ୍ଥା କରାଯାଇଛେ । ଆଏବା ୨୦ ତାରିଖ୍ ଦିନ ହେବାର୍‌କେ ଥିବା ଭୋଟ୍‌ଥି ବହୁତ୍ ସଂଖ୍ୟକ ଭୋଟର୍ ଭୋଟ୍ ଦେଇକରି ଇ ମହାନ୍ ପର୍ବକେ ସଫଲ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆଦିତ୍ୟ ଗୋୟଲ୍ ନିବେଦନ୍ କରିଛନ୍ । ସେ ତାଙ୍କର୍ ସନ୍ଦେଶ୍‌ଥି 'ମିଲିମିଶି ହେମା ଜୋଟ୍- ସଭେ ମିଶି ଦେବା ଭୋଟ୍' ।

ଦିବ୍ୟାଙ୍ଗ, ବୟସ୍କ - ପୋଷ୍ଟାଲ୍ ବେଲଟ   ଦେବ୍‌ଗଡ୍ ସମ୍ବାଦଦାତା

ଭୋଟ୍ ଦେବାର୍‌ନୁ କେହି ଯେନ୍ତା ବାଦ୍ ନାଇଁ ପଡ୍‌ବେ ସେଥିର୍‌ଲାଗି ଦେବ୍‌ଗଡ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ୮୫ ବଛର୍‌ନୁ ଅଏତ୍‌କା ବୟସର୍ ୨ ଶହ ୪୨ ଝନ୍ ଭୋଟର୍ ଆଉ ୨ ଶହ ୬ ଝନ୍ ଦିବ୍ୟାଙ୍ଗ ଭୋଟର୍ ପୋଷ୍ଟାଲ୍ ବେଲଟ୍‌ଥି ଭୋଟ୍ ଦେଇଛନ୍ । ମତଦାନ୍ ପ୍ରକ୍ରିୟାଥି ସ୍ୱଚ୍ଛତା ଆନ୍‌ବାର୍ ଲାଗି

ଭିଡ଼ିଓଗ୍ରାଫି କରାଯାଇଛେ । ଆଉ ଭୋଟ୍‌ଦାତାମାନ୍‌କୁ ମାନପତ୍ର ଦିଆଯାଇଛେ ।

ବୌଦ୍ଧ - କର୍ମଚାରୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ହେବାର୍‌କେ ଥିବା ଭୋଟ୍ ଲାଗି କର୍ମଚାରୀମାନେ ଦର୍‌କାରୀ ଜିନିଷ୍ ଧରିକରି ବୁଥ୍ ମାନ୍‌କେ ଯିବାର୍ ମୁଲ୍ କରିଛନ୍ । ବୌଦ୍ଧ ପଂଚାୟତ୍ କଲେଜ୍ ପରିସର୍ ଭିତ୍‌ରେ ଜିଲ୍ଲା ନିର୍ବାଚନ୍ ନିୟନ୍ତ୍ରଣ କକ୍ଷ ଖୁଲାଯାଇଛେ । ସେନୁ କର୍ମଚାରୀମାନ୍‌କୁ ଭିଭିପାଟ୍ ଆର୍ ନିର୍ବାଚନୀ ସାମଗ୍ରୀ ଯୁଗେଇ ଦିଆଯାଇଥିଲା । ଜିଲ୍ଲା ନ ୪ ଶହ ୧୧ ଟା ବୁଥ୍ ରହିଛେ ବଲି ଜିଲ୍ଲାପାଲ୍ ଜେ. ସୋନାଲ୍ କହିଛନ୍ ।

ପୋଲିଂ,ପ୍ରିଜାଇଡିଂ ଅଫିସର୍-ତାଲିମ୍ କାର୍ଯ୍ୟକ୍ରମ

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର୍ ବିଧାନ୍‌ସଭା ଆସନ୍ ଲାଗି ପୋଲିଂ କର୍ମଚାରୀ ଆଉ ପ୍ରିଜାଇଡିଂ ଅଫିସର୍ ମାନ୍‌କର୍ ୨ ନମ୍ବର୍ ଖେପ୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ପୋଲିଂ ଆଘର୍, ପୋଲିଂ ସମିଆ ଆର୍ ପୋଲିଂ ସର୍‌ବାର୍ ଡ୍ୟୁଟି ବାବ୍‌ଦେ ତାଲିମ୍

ଦିଆଯାଇଥିଲା । ଇତାର୍ଛଡ଼ା ଡେସ୍ପାଚ୍ ସେଂଟର୍, ଇଭିଏମ୍ ଗ୍ରହଣ୍ କେନ୍ଦ୍ର, ରେଜିଷ୍ଟାର୍ ଭୋଟର୍ ମାନ୍କର୍ ଭୋଟ୍ ଦେବାର୍ ବାବ୍ଦେ ଭିଲ୍ ଆଲୋଚନା ହେଇଥିଲା । ସେନ୍ତା ଇଭିଏମ୍, ଭିଭିପାଟ୍ ଡେମୋଷ୍ଟ୍ରେସନ୍ ଭିଲ୍ କରାଯାଇଥିଲା ।

ପାଣିପାଗ ହିନ୍ଦୁସ୍ଥାନ୍ ସମାଚାର୍

ଦକ୍ଷିଣ ପଶ୍ଚିମ ବଙ୍ଗୋସାଗର୍ ଇଲାକା ନ ଆଏବା ୨୨ ତାରିଖ୍ ଆଡ଼େ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇଟା ପ୍ରାଥମିକ ସ୍ତର୍ ନ ଉତର୍ ପୂର୍ବ ଦିଗେ ଗତି କର୍ବାର୍ ସମ୍ଭାବନା ଥିବାର୍ ବେଲେ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଇଲାକା ନ ଆହୁରି ଘନୀଭୂତ ହେଇକରି ୨୪ ତାରିଖ୍ ଆଡ଼େ ଗୁଟେ ଅବପାତ୍ଥି ପରିଣତ୍ ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ଇତାର୍ ପ୍ରଭାବ୍ଥି ଉପକୂଳ ଓଡ଼ିଶା ନ ବର୍ଷା ହେବାର୍ ସମ୍ଭାବନା ରହିଛେ ।